ଗୀତ ଗୁଞ୍ଜାଡ଼ି

ଅଧ୍ୟାପକ ମନୋରଞ୍ଜନ ଦାସ

Digitized by PPRACHIN, SOA

ଗୀତ ଚାଙ୍ଗୁଡ଼ି

(ଦ୍ୱିତୀୟ ଭାଗ)



ଅଧ୍ୟାପକ ମନୋରଂଜନ ଦାସ
ସଭାପତି, ଉତ୍କଳ ଏକାଡେମୀ
ଛତ୍ରପୁର (ଗଂଜାମ)

Digitized by PPRACHIN, SOA

Geeta Changudi

Part-II

Writer :
Prof. Manoranjan Das
President, Utkal Academy
Chatrapur, (Ganjam)

Publisher :
Smt. Alpana Mohanty
Chatrapur, (Ganjam)

ଗୀତ ଚାଙ୍ଗୁଡ଼ି
(ଦ୍ୱିତୀୟ ଭାଗ)

First Print - Dt. 17 / 3 / 1995

Price Rs. 10/-

ଲେଖକ :
ଅଧ୍ୟାପକ ମନୋରଂଜନ ଦାସ

ପ୍ରକାଶିକା
ଶ୍ରୀମତୀ ଆଳ୍ପନା ମହାନ୍ତି
ଛତ୍ରପୁର (ଗଂଜାମ)

ମୁଦ୍ରକର
ପ୍ରଥମ ମୁଦ୍ରଣ (୧୦୦୦)
ତା ୧୭ / ୩ / ୧୯୯୫ (ଦୋଳ ପୂର୍ଣ୍ଣିମା)

ମୂଲ୍ୟ : ଦଶ ଟଙ୍କା ମାତ୍ର

ବି.ଦ୍ର. :- ଏହି ପୁସ୍ତକ ଲେଖକାଙ୍କ "
[illegible] ପାଇଁ ଉତ୍ସର୍ଗୀକୃତ ।)

Digitized by PPRACHIN, SOA

ବବନ୍ !

ଦ୍ୱିତୀୟ ଭାଗ ଏ ଗୀତ ଟାଙ୍ଗୁଡ଼ି
ତୋଅରି ହାତରେ ଦେଉଛି ତୋଳି
ଖୁସି ହେବି ଯେବେ ବଡ଼ ସରାଗରେ
ଆଗରେ ମୋହର ବସିବୁ ପଢ଼ି ।

— ବାପା —

Digitized by PPRACHIN, SOA

ସୂଚୀପତ୍ର

ଭାରତ ମୋର ସରଗ ଧରା ତଳେ ☞ ୫

ତାହାରି କୋଳେ ହରଷେ ଦିନ ଯାଉ ☞ ୭

ଫୁଲପରି ଫୁଟିବି ମୁଁ . . . . ☞ ୮

ନଈପରି ଚାଲିବି ମୁଁ . . . . ☞ ୯

ମୁଁ . . . . ☞ ୧୦

ଫୁଲଟି ପାଖୁଡା ମେଲି ମେଲି . . . ☞ ୧୧

ଏଇଯେ ବିଶ୍ୱ ଦେଖେ . . . . ☞ ୧୨

ଏଇ ମୋ' ଗାଆଁ ସରଗ ଠାରୁ ବଡ଼ ☞ ୧୬

ଏଇ ଆକାଶ କୋଳେ . . . . ☞ ୧୮

ସରିଗଲା ମକର . . . . ☞ ୨୦

ଶୀତର ରାଜୁତି ସଇଲା . . . . . . ☞ ୨୧

ଧୀରେ ବଢିଲାଣି ଖରା . . . . ☞ ୨୨

ଆସିଲା ରଜ . . . . ☞ ୨୪

ଖରାଦିନ ସରି ଆସିଲା . . . . . . ☞ ୨୫

ଶିଖିବା ଆସ ସ୍ୱରବର୍ଣ୍ଣ . . . . ☞ ୨୭

କଲମଟିଏ ମୁଁ କଲମଟିଏ . . . . . ☞ ୨୮

Digitized by PPRACHIN, SOA



ପ୍ରୀତି ମୋର ସ୍ୱଦେଶ ପ୍ରତି

ଏଇ ମୋ ମାଟି ମାଆରେ
ଏଇ ମୋ ମାଟି ମାଆ
କେଡ଼େ ମିଠାରେ ଲାଗଇ ମୋତେ
ଏଇ ଭାରତ ନାଆଁରେ
ଏଇ ଭାରତ ନାଆଁ ।୦।

ତାହାରି ପାଣି, ପବନ ମୋତେ
ଲାଗଇ କେତେ ଭଲ,
ନୀଳ ଆକାଶ, ସାଗର, ନଈ,
ପାହାଡ଼, ବଣ, ବିଲ ।
ସୁନ୍ଦର ତା'ର ଛବିଟି ମନେ ରେ
ଆଣଇ ଭାବ ନୂଆ ।୧।

Digitized by PPRACHIN, SOA



ତା' ଗୋଡ଼ି–ମାଟି ଗଛଲତାରେ
ଦିଅଁ–ଦେବତା ଖେଳେ
ସତେକି ପରା ଭାରତ ମୋର
ସରଗ ଧରାତଳେ
ଏ ମାଟି ଋଷି–ମୁନିର ବାଣୀରେ
ଦେଖାଏ ନୂଆ ରାହା ।୨।

ଜନମଠାରୁ ମରଣଯାଏ
କୋଳରେ ତା'ର ଖେଳି
ତା' ପାଦେ ମଥା ନୁଆଁଇ ଦେଇ
ପଡ଼ିବି ଶେଷେ ଢଳି
ତୃପତି ମୋର ଛାତିରେ ତା'ର ରେ
ଜଳିଲେ ଚିତା ନିଆଁ ।୩।

ସରଗ ପରି ମୋ' ଭାରତ ଦେଶ
ଧରି ଉଭା କେଡ଼େ ସୁନ୍ଦର ବେଶ ।
ଏଇଠି ଅଛି ମୋ' ଏନ୍ତୁଡ଼ି ଶାଳ
ଏଇଠି ଜଳିଲେ ଚିତା–ଅନଳ ।
ସୁଖି ମୁଁ ହେବି,
ଏ ମାଟିରେ ମିଶି ହଜି ମୁଁ ଯିବି ।

Digitized by PPRACHIN, SOA

ତାହାରି କୋଳେ ହରଷେ ଦିନ ଯାଉ

ବେଶରେ ସିନା
ଭାଷାରେ ସିନା
ଅଲଗା ଆମେ ଦିଶୁ,
ସାରା ଭାରତେ
ଆମେରେ ଯେତେ
ଭାବ ଫୁଲକେ ମିଶୁ।

ଏଇ ଭାରତ
ମା ନ ମ ହ ତ
ଦିଅଁ-ଦେବତା ଆମ,
ଆମରି ପାଇଁ
ମରତେ ଏଇ
ଅଟେ ସରଗ ଧାମ।

ଏକାଠି ବସୁ
ଏକାଠି ହସୁ
ଏକାଠି ଲୁହ ଝରେ,
ଏକାଠି ହୋଇ
ଯାଇଛୁ ଧାଇଁ
ସମରେ ତେଜ ଭରେ।

ବଡ ସୁନ୍ଦର
ତା' ନଈଧାର
ପାହାଡ-ବିଲ-ବଣ,
ଭଲ ଲାଗଇ
ଦେହକୁ ଛୁଇଁ
ଗଲେ ତା' ସମୀରଣ।

ହରଇ ମନ
ତା'ର ସୁମନ
ରୂପ ଓ ବାସେ ଭରା,
ପଶୁ-ପକ୍ଷୀର
ସୁର -ଲହର
ମଧୁର ଗୀତ ପରା।

ଭାରତ ଭୂଇଁ
ସମାନ କାହିଁ
ଅଛି କି ଦେଶ ଆଉ ?
ତାହାରି କୋଳେ
ସବୁରି ମେଳେ
ହରଷେ ଦିନ ଯାଉ।

ମୋ ଭାରତ ସତେ କେଡ଼େ ସୁନ୍ଦର !
ଜଗତେ ଅଛି କି ତୁଳନା ତା'ର ?

Digitized by PPRACHIN, SOA

ଫୁଲ ପରି ଫୁଟିବି ମୁଁ



ସୁଲୁ ସୁଲୁ ପବନରେ
ଖେଳୁଥାଏ ଫୁଲଟି,
ଦିଗେ ଦିଗେ ବାସନା ତା'
ଯାଉଥାଏ ଚହଟି ।
ଗୁଣୁ ଗୁଣୁ ଗୀତ ଗାଇ
ଚଉପାଶେ ତାହାର,
ଉଡ଼ି ଉଡ଼ି କି ସୁନ୍ଦର
ଦିଶୁଥାଏ ଭଅଁର ।
ଫୁଲପରି ଫୁଟିବି ମୁଁ
ଚହଟିବ ସୁଗୁଣ,
ଅଳିପରି ଛୁଟିବି ମୁଁ
ଯହିଁ ଅଛି ସୁଗୁଣ ।

ଫୁଲ ପରି ଫୁଟିବି
ଚହଟାଇ ବାସ ଗୁଣ, ମଣିଷ ମୁଁ ହୋଇବି ।

Digitized by PPRACHIN, SOA

ନଈପରି ଚାଲିବି ମୁଁ



କୁଳୁକୁଳୁ ଶବଦରେ
କୁଳ ତା'ର ଛୁଇଁଟି,
ଚାଲିଛି ଚାଲିବି ବୋଲି
କହିଯାଏ ନଈଟି
ଏଡ଼ାଇ ପାହାଡ଼, ବଣ
ଖାଲି, ଖମା ଆଗରେ,
ଧାଇଁଛି ଯାଉଛି ଶେଷେ
ମିଶିଛି ସାଗରେ
ନଈ ପରି ଚାଲିବି ମୁଁ
ଲକ୍ଷ୍ୟ ପଥେ ମୋହରି,
ଆସୁ କେତେ ବାଧା–ବନ୍ଧ
ଟିକେ ହେଲେ ନ ଡରି ।

ଚାଲିବାକୁ ମୋର ଆଗରେ ପଡ଼ିଛି ବାଟ,
ନଈଠାରୁ ଶିଖି ଚାଲିବାର ଗୁଣ
ନ କରିବି ଟିକେ ମଠ ।

Digitized by PPRACHIN, SOA

ମୁଁ

ଗଛଟିଏ ମୁଁ ଗଛଟିଏ
ମୋ' ପରି ଅଛି ଆଉ କିଏ ?
ସବୁରି ସୁଖ ମନାସି ମନେ
ଜୀବନ ମୋର ଛାଲିଦିଏ
ଗଛଟିଏ ମୁଁ ଗଛଟିଏ ।

ଫୁଲଟିଏ ମୁଁ ଫୁଲଟିଏ
ପାଖୁଡ଼ା ମେଲି ହସୁଥାଏ
ରୂପରେ ଗୋରା ବାସରେ ଭରା
ସବୁରି ମନ ମୋହି ନିଏ
ଫୁଲଟିଏ ମୁଁ ଫୁଲଟିଏ ।

ଘାସଟିଏ ମୁଁ ଘାସଟିଏ
ମାଟିରେ ଶେଯ ପାରିଥାଏ
ଅଳପ ହେଉ ପଥିକ ପଦ-
ପରାସ ହେଲେ ହରିନିଏ
ଘାସଟିଏ ମୁଁ ଘାସଟିଏ ।

ତାରାଟିଏ ମୁଁ ତାରାଟିଏ
ନୀଳ ଆକାଶୁଁ ଚାହିଁଥାଏ
ଆଖି ମିଟିକା ମାରଇ ଦେଖି
ତୁମରି ପରି ସାଥୀଟିଏ
ତାରାଟିଏ ମୁଁ ତାରାଟିଏ ।

ଏଇ ମୋର ସୁଖ ଏଇ ମୋ ଶିରୀ
-ଆନ ଲାଗି ଯେବେ ଜଳି ଜଳି ଯାଏ
ସଳିତା ପରି ।

Digitized by PPRACHIN, SOA

ପାଖୁଡ଼ା ମେଲି ମେଲି

ଫୁଲଟି ପାଖୁଡ଼ା ମେଲି ମେଲି
ରୂପରେ ଗୁଣରେ ଫୁଲି ଫୁଲି
ଚଉଦିଗେ ତା'ର ସଉରଭ ଢାଳି
ପବନେ ଖେଳଇ ଝୁଲି ଝୁଲି ।

ପରଜାପତିଟି ଖେଳି ଖେଳି
କଳା ଭଅଁରଟି ଢଳି ଢଳି
ଆସନ୍ତେ ମିଶଇ ମହୁମାଛି ତହିଁ
ସରାଗର ସୁର ତୋଳି ତୋଳି ।

କଅଁଳ ପାଖୁଡ଼ା ଛୁଇଁ ଛୁଇଁ
କିବା ସୁଖ ତା'ରେ ଦେଇ ଦେଇ !
ଏ ଫୁଲୁ ସେ ଫୁଲୁ ଉଡ଼ି ଯାଉଥାନ୍ତି
ପରାଗ ରେଣୁ ତା' ନେଇ ନେଇ ।

କୁନା, ମୁନା ନାଚି ଥେଇ ଥେଇ
ପରଜାପତିକି ଚାହିଁ ଚାହିଁ
ହାଲିଆ ହୁଅନ୍ତି ଧରିବା ଇଚ୍ଛାରେ
ପଛେ ପଛେ ତା'ର ଧାଇଁ ଧାଇଁ ।

ଫୁଲର ପାଖୁଡ଼ା ରଙ୍ଗ
ପରଜାପତିର ସଙ୍ଗ
ଭଲଲାଗେ ନାହିଁ କାହାକୁ କହ ତ
ପିଲାଟି ବେଳର ଢଙ୍ଗ !

Digitized by PPRACHIN, SOA

ଏଛାଏ ଦିଶୁ ଯୋଯୋ

ସକାଳ ହେଲେ
ସୂରୁଯ ଉଇଁ
ସୁନାର ହସ
ହସିଦିଏ,

ଦିନଟା ସାରା
ଆକାଶେ ଖେଳି
ସଂଜରେ ମାଆ-
କୋଳେ ଡିଏଁ ।୧।



ଆଲୋକ ଆଉ
ଉତ୍ତାପ ଯେତେ
ବିତରି ଯାଏ
ହରଷରେ,

ସବୁ ଶକତି
ଆଧାର ସେଇ
ନିଖିଳ ଏଇ
ଦୁନିଆରେ ।୨।

ପଢ଼ିଲି ପାଠ
ଜାଣିଲି ଧରା
ଘୂରଇ ପରା
ନଟୁ ପରି,



ମନେ ଭରମ
କରାଏ ଜାତ
ସୂରୁଯ ସତେ
ଯାଏ ଘୂରି ।୩।

ପୃଥିବୀ ଆମ
ଏପରି ଘୂରୁ-
ଥିବାରୁ ହୁଏ
ଦିନରାତି,

ଆମରି ପାଇଁ
ଦିନ ତ ଭଲ
ରାତି ତ ପୁଣି
ଭଲ ଅତି ।୪।

Digitized by PPRACHIN, SOA

ସୂରୁଯ ଚାରି-
ପାଖରେ ପୁଣି
ବରଷକରେ
ଥରଟିଏ,
ଅଣ୍ଡା ଭଳିଆ
ବାଟରେ ତାର
ପୃଥିବୀ ଆମ
ଘୂରିଯାଏ ।୫।
ଗ୍ରୀଷ୍ମ, ବରଷା,
ଶରତ ପୁଣି
ହେମନ୍ତ, ଶୀତ,
ବସନ୍ତରେ,
ବଦଳି ଋତୁ
ଆମ ଏ ଧରା
ଭଳିକି ଭଳି
ରୂପ ଧରେ ।୬।
ଗ୍ରୀଷମ କାଳ
ବିଷମ ବଡ଼
ଖରାର ତେଜ
ହୁଏ ଟାଣ,
ଶୁଖିଲା ଦିଶେ
ସୁନ୍ଦର ଧରା
ପାହାଡ଼-ନଈ-
ବିଲ-ବଣ ।୭।
ବରଷା କାଳେ
ଜଳଦ ମାଳ
ଆକାଶ ଦେହେ
ଭାସୁଥାଏ,
ବରଷି ମେଘ
ବିଲ-ବଣରେ
ଶାଗୁଆ ଶୋଭା
ଖେଳିଯାଏ ।୮।

Digitized by PPRACHIN, SOA

ଶରତ ଯେବେ
ଆସେରେ ଆସେ
ଦିଶଇ ଧରା
ନିରିମଳ,

ପୂନେଇଁ ଜହ୍ନ
ଜୋଛନା କରେ
ହୃଦୟ-ମନ
କଲକଲ ।୯।



ହେମନ୍ତ ଆସେ
ହେମାଳ ପଶେ
ଶିଶିର ଭିଜା
ହୁଏ ନିଶି,

ସୁନାର ଢେଉ
ବିଲରେ ଖେଳେ
ଦେଖିଲେ କିଏ
ନୋହେ ଖୁସି ।୧୦।

ଘନ କୁହୁଡ଼ି
ଚାଦର ଟାଣି
ଆସଇ ଶୀତ
ମଂଜ ଥରା,

କୃଷକ ଭାଇ
ଫସଲ କାଟି
ଆଣେ ନ ମାନି
ଖରାତରା ।୧୧।

Digitized by PPRACHIN, SOA

ରଙ୍ଗ-ରଙ୍ଗିଆ
ଫୁଲ-ପତରେ
ଶୋଭଇ ତରୁ
କି ସୁନ୍ଦର !
କୋଇଲି ଗାଏ
ମଳୟ ବହେ
ବସନ୍ତ ଋତୁ
କି ମଧୁର !୧୨।

ବୁଡ଼େ ସୂରୁଯ
ଆସଇ ସଂଜ
କଳା ପରଦା
ଟାଣି ଧୀରେ,
ତାରା ରୂପରେ
ଫୁଲ କି ଫୁଟେ
ଏଇ ଆକାଶ
ବଗିଚାରେ ।୧୩।

ଜହ୍ନ ଉଠେ
କିରଣ ଢାଳେ
ହୁଅଇ ତନୁ
ପୁଲକିତ,
ସପନ କେତେ
ହିଏରେ ଦିଏ
ପରାଣ କରି
ବିମୋହିତ ।୧୪।

ଯାହା ମୁଁ ଦେଖେ ନିତି ନିତି
ସବୁ ସୁନ୍ଦର ଭଲ ଅତି ।

Digitized by PPRACHIN, SOA

ଏଇ ମୋ ଗାଁ ସରଗଠାରୁ ବଡ଼

ଗହିରୀ ବିଲ ଶାଗୁଆ ବଣ
ମଝିରେ ଗାଆଁ ମୋର,
ଚରଣ ଛୁଇଁ ଯାଅଇ ବହି
ମହାନଦୀର ଧାର ।୧।

ସୂରୁଯ ଉଇଁ ସକାଳ ତା'ର
ଦିଶେ କି ମନୋହର !
ବଡ ମଧୁର ସୁଲୁସୁଲିଆ
ଶୀତଳ ବାଆ ତା'ର ।୨।

ତୋରାଣି ପିଇ କୃଷକ ଭାଇ
ବିଲକୁ ନିଏ ହଳ,
ଗଉଡ଼ ପିଲା ଗୋଠକୁ ନିଏ
ଫିଟାଇ ଗୋରୁ ପଲ ।୩।

ଚଢ଼େଇ କେତେ ଉଡ଼ନ୍ତି ବୁଲି
ଗଛରୁ ଗଛ ଡେଇଁ,
କିଚିରି ମିଚି କିଚିରି ମିଚି
ସୁନ୍ଦର ଶୁଭୁ ଥାଇ ।୪।

ଗଛରେ ଫୁଲ ରୂପ ଛଟକେ
ପବନେ ଖେଳେ ଦୋଳି,
ମହୁମାଛି ଓ କଳାଭଅଁର
ଉଡ଼ଇ ସୁର ତୋଳି ।୫।

ବଡ଼ ସୁନ୍ଦର ପରଜାପତି
ଉଡ଼ଇ ଫୁଲେ ଫୁଲେ,
ଗାଆଁ ମୋ' ହସେ ଫୁଲର ହସେ
ହସର ଢେଉ ଖେଳେ ।୬।



Digitized by PPRACHIN, SOA

ପଶ୍ଚିମ ଦିଗେ ସୂରୁଯ ବୁଡ଼େ
ନାଲି ଅବିର ବୁଣି,
ଗୋଠ ବାହୁଡ଼ା ଗୋରୁ ପଲରୁ
ଶୁଭଇ ଚିପା ଧ୍ୱନି ।୭।
ଚଉରା ମୂଳେ ଧୀର ପବନେ
ଜଳଇ ସଂଜବତୀ,
ନୀଳ ଓଢ଼ଣୀ ପକାଇ ଧୀରେ
ଆସଇ ପରା ରାତି ।୮।
ସଉଦା ପାଇଁ ମୂଲିଆ ପୁଅ
ମୂଲରୁ ଫେରି ଧାଏଁ,
ବୋତଲ ମୁହଁ କାଚ ତରଙ୍ଗ
ସୁନ୍ଦର ଶୁଭୁ ଥାଏ ।୯।
କିଆ ବଣରୁ ପହରି କିଆ
ବିଲୁଆ ଡାକେ ହୁକେ,
ଗାଆଁରୁ ତାର ଜବାବ ଦେଇ
ବୁଲା କୁକୁର ଭୁକେ ।୧୦।

ରାତି ଅଧରେ ଚଉକିଦାର
ଗାଆଁଟା ଥରେ ବୁଲି,
ହୁସିଆର୍‌ରେ ଖବରଦାର୍
ଯାଅଇ ଡାକମାରି ।୧୧।
ଏଇ ମୋ' ଗାଆଁ ମୋହରି ଲାଗି
ସରଗଠାରୁ ବଡ଼,
ଯେଉଁଠି ଥିଲେ ସଘଗେ ତା'ରେ
କରଇ ନମସ୍କାର ।୧୨।

ଏଇ ଯେ ଦିଶୁଛି ଆମ ଗାଆଁ
ବିଲ–ବଣ ଘେରା ମନଛୁଆଁ
ଉଜାଡ଼ି ଦେବାନି ତା'ର ଶୋଭା
ସବୁଦିନେ ଥିବ ମନୋଲୋଭା ।

Digitized by PPRACHIN, SOA

ଏଇ ଆକାଶ

କେଡ଼େ ସୁନ୍ଦର ଦେଖରେ ଦେଖ
ଏଇ ଆକାଶ ଠାଣି,
ନୀଳ ରଙ୍ଗର ଚାନ୍ଦୁଆଟିଏ
ଦେଇଛି କିଏ ଟାଣି ?।୧।

କେତେ ଯେ କେତେ ଉପରେ ସିଏ
ଭାଳି ମୁଁ ହୁଏ କାବା,
ଦୂରରେ କାହିଁ ଦିଗ୍‌ବଳୟେ
ଛୁଇଁଛି ମାଟି କିବା ?।୨।

ଏଇ ଆକାଶେ ସୂରୁଯ ହସେ
ଆଲୋକ ଢେଉ ଖେଳେ,
ଚଢ଼େଇ କେତେ ବୁଲନ୍ତି ଉଡ଼ି
ଖୁସିରେ ଏହା କୋଳେ ।୩।

ସଂଜ ହେଲେ ଏଇ ଆକାଶେ
ଦିଶଇ କେତେ ତାରା,
ଜହ୍ନମାମୁ ବାଦଲ ତଳେ
ଦେଖାଏ ମୁହଁ ତୋରା ।୪।

ଏଇ ଆକାଶୁ ପଡ଼ଇ ଖସି
କେତେବେଳେ କେବେ ଉଲ୍‌କା,
ଲଂଜା ତାରା ଏଇ ଆକାଶେ
ଦିଅଇ ପୁଣି ଦେଖା ।୫।

ଏଇ ଆକାଶେ ବଉଦ ଭାସେ
ପଡ଼େ ବରଷା ଝରି,
ଫସଲେ କେତେ ହସି ଉଠଇ
ଆମ ଏ ବିଲବାରି ।୬।

Digitized by PPRACHIN, SOA

ବାଆ–ବତାସ
ଉଠେରେ କେବେ
ଏଇ ଆକାଶ କୋଳେ,
ବିଜୁଳି ମାରେ
ଘଡ଼ ଘଡ଼ି ରେ
ଚମକି ଛାତି ଥରେ ।୭।
ଏଇ ଆକାଶେ
ସୁନ୍ଦର ଦିଶେ
ପଡ଼ିଲେ ଇନ୍ଦ୍ରଧନୁ ,
ସାତୋଟି ରଙ୍ଗ
ଝଲେରେ ତହିଁ
ନ ଯିବ କେବେ ମନୁ ।୮।
ଏଇ ଆକାଶେ
ଉଡ଼ାଜାହାଜେ
ଯିବିରେ ମୁହିଁ ଉଡ଼ି,
ନିମିଷକରେ
ଦୁନିଆ ସାରା
ଆସିବି ପରା ଘୁରି ।୯।



ଏଇ ଆକାଶ
ବକ୍ଷ ଚିରି
ରକେଟ୍ ମହାକାଶେ,
ଯାଏରେ ଧାଇଁ
ଆଣେରେ କେତେ
ବାରତା ଆମ ପାଶେ ।୧୦।



ବାୟୁମଣ୍ଡଳ
ରହିଛି ପୂରି
ଏଇ ଆକାଶ ତଳେ,
ତାହାରି ଲାଗି
ନିରାପଦରେ
ଜୀବନ–ଦୀପ ଜଳେ ।୧୧।
ଦେଖେ ମୁଁ ଏଇ
ଆକାଶ କୋଳେ
ଯେଉଁଠି ଯାହା ଥୁଳ,
ମୋ ଲାଗି ତାହା
ଅମୂଲ ମୂଲ
ପାଇବି ତା'ରେ ଭଲ ।୧୨।

ପାଠ ପଢ଼ିବି, ପାଠ ପଢ଼ିବି
ପାଠର ବଳେ ସବୁ ଜାଣିବି
ଆକାଶ କୋଳେ ଯେତେରେ ଯାହା
ସାରା ଜଗତେ ଜଣାଇ ଦେବି ।

Digitized by PPRACHIN, SOA

ସରିଗଲା ମକର

ସରିଗଲା ମକର
ଦିନ ହେଲା ବଜର
ଫେରିଯାଏ ଧୀରେ ଶୀତ
ମାରିଦେଇ ଚକର ।

ଖରା ତେଜ ବଢ଼ିଲା
ବଡ଼ ରାତି ଛିଡ଼ିଲା
ପାହାନ୍ତିଆ ପହରରେ
ଶୀତ ଟିକେ ପଡ଼ିଲା ।

ଦେଖ ଶୀତ ମହଲ
ବସନ୍ତଟି ଦଖଲ
ଛପି ଛପି ଦୁନିଆରେ
ପକାଇଲା ଚହଲ ।

ଭଲା କିଏ ମନ୍ତରେ ?
ଗଛେ ନୂଆ ପତର
ଫୁଲ ଫୁଟି ବଗିଚାରେ
ଚହଟିଲା ଅତର ।

ପ୍ରଜାପତି ଫୁଲେଇ
ଦେଖା ତା'ର ଡେଣେଇ
ଫୁଲେ ଫୁଲେ ଉଡ଼ିବୁଲେ
ହୋଇ କେତେ ଗେହ୍ଲେଇ ।

ସରସ୍ୱତୀ ପୂଜାଟି
ଆମ ପାଇଁ ମଜାଟି
ଆସିଲାଣି ପାଖେଇରେ
ଧରି ସାଜସଜାଟି ।

ସଇଲା ମକର
ଶୀତ ଟ ବଜର
ବଢ଼ି ବଢ଼ି ଗଲା ଦିନଟି
ଚୋରା ବସନ୍ତର
ପରଶ ପାଇବା
ପାଇଁ ବଢ଼ିଗଲା ମନଟି ।

Digitized by PPRACHIN, SOA

ଶୀତର ପ୍ରକୃତି ସଇଲା



ଶୀତର ରାଜୁତି ସଇଲା
ଦକ୍ଷିଣା ପବନ ବହିଲା
ଗଛରେ ଗଛରେ ରଙ୍ଗ ବେରଙ୍ଗର
କଅଁଳ ପତର ଧଇଲା ।

ଫଗୁଣେ ବସନ୍ତ ଆଇଲା
ଫଗୁଳ ପିଚିକା ମାଇଲା
ଫୁଲ–ପତରରେ ଛିଟିକା ତାହାର
ସତେକି ବିଛେଇ ପଇଲା !

ଫୁଲ ହସେ ଧରା ଶୋହିଲା
ମହକେ ଜଗତ ମୋହିଲା
ଉଡ଼ି ଉଡ଼ି ଉଡ଼ି ପରଜାପତିଟି
ପରାଗ ରେଣୁ ତା' ଛୁଇଁଲା ।

ବଉଳରେ କଷି ଧଇଲା
ଡାଳେ ଡାଳେ ପିକ ଡେଇଁଲା
ଫଗୁଆ ନିଶାରେ ମତୁଆଲା ହୋଇ
କୁହୁ କୁହୁ ଗୀତ ଗାଇଲା ।

ବସନ୍ତ ଉତ୍ସବ ହୋଇଲା
ରଙ୍ଗ ଖେଳ ମନ ମୋହିଲା
ସାରା ବରଷରେ ହସିବାର ଲାଗି
ମଣିଷ କି ବେଳ ପାଇଲା !

ସୁଲୁ ସୁଲୁ ବାଆ ଫଗୁଣର
କୁହୁ କୁହୁ ଗୀତ କୋଇଲିର
ସରସିତ କରି ସବୁରି ମନକୁ
ଫୁଟାଏ ଓଠରେ ହସ–ଝର ।

Digitized by PPRACHIN, SOA

ଧୀରେ ବଢ଼ିଲାଣି ଖରା



ଶୀତ ଚାଲିଗଲା ଶୀତର ବାଟରେ
ଧୀରେ ବଢ଼ିଲାଣି ଖରା,
ନିଆଁ ଧାସ ପରି ତେଜ ଲାଗିଲାଣି
ତାତି ଉଠିଲାଣି ଧରା ।୧।

ନଈ-ନାଳ-କୂଅ- ପୋଖରୀର ପାଣି
ଶୁଖିଲାଣି ଚାହୁଁ ଚାହୁଁ,
ରାତି ଅଧଟାରେ ବଣ-ପାହାଡ଼ରେ
ଜଳିଲାଣି ନିଆଁ କାହୁଁ ?।୨।
ଖରା ବେଳଟାରେ. ଖଣ୍ଡିଆ ଭୂତଟା
ଘୂରିଲାଣି ଘିରି ଘିରି,
ଝାଞ୍ଜି ବାଆ ଦେହେ ନିଆଁଖୁଣ୍ଟା ଗେଞ୍ଜି
ହସିଲାଣି କିରି କିରି ।୩।

ନାଚିଲାଣି ଖରା ଦିଶିଲାଣି ସତେ
ମରୀଚିକା ପାଣି ପରି,
ଦେଖି ଗଛ ଛାଇ କିଏ ସେ ବାଟୋଇ?
ବସିଲାଣି ଥକା ମାରି ।୪।
ତୁଣ୍ଡେ ମାରି ମୁଣ୍ଡ- ଝାଳ ଚଷାଭାଇ
ଚଷିଲାଣି ତା'ର ବିଲ,
ବରଷଂକ ଲାଗି ଶୁଭ ମନାସିଲେ।
କରିଲାଣି ଅନୁକୂଳ ।୫।

Digitized by PPRACHIN, SOA

ଖୁସି ଲାଗିଲାଣି
ରସ ନିଗାଡ଼ିଲେ
ଖାଇବାକୁ ତାଳସଜ,
ମନ ଲାଖିଲାଣି
ପଣା–ସରବତେ
ପୁଣି ବେଲ–ତରଭୁଜ ।୬।

ଖେଳିଲେଣି ଦିଅଁ
ଚନ୍ଦନ–ଭଉଁରୀ
ଜମିଲାଣି ନାଚ–ଗୀତ,
ଶୀତଳ ପବନ
ପରଶରେ ମନ
ହୋଇଲାଣି ହରଷିତ ।୭।

ଫୁଟିଲାଣି ମଲ୍ଲୀ,
ଯୁଇ, ଜାଇ, ଚମ୍ପା
ଛୁଟିଲାଣି ବାସ ତା'ର,
ଉଡ଼ିଲେଣି ଫୁଲେ–
ଫୁଲେ ପ୍ରଜାପତି
ଦିଶିଲାଣି ମନୋହର ।୮।

ଖରାଦିନ ପରା
ବରଷାର ବନ୍ଧୁ
ଡାକିଲାଣି ଥର ଥର,
ଭାସିଲାଣି ମେଘ
ବାଆ–ବତାସିରେ
ଶୁଭିଲାଣି ତା' ଉତ୍ତର ।୯।

ଖରାଦିନ ଖରାଟାଣ
ଡାକିଆଣେ ବରଷା,
ବରଷାଟି ଦିଏ ସିନା
ବଞ୍ଚିବାର ଭରସା ।

ଆସିଲା ରଜ



ବରଷକ ପରେ ଆସିଲା ରଜ
ଲାଗିଗଲା ଘରେ ଘରେ ମଉଜ
କି ସଜବାଜ !
ବେଶଭୂଷା, ବୁଲାଚଲା ପହିଲ ।୧।

ଘୋରା ଘୋରା ପାଗ ବଉଦ ଭାସେ
ମୁରୁକି ମୁରୁକି ସୂରୁଯ ହସେ
ମାଟିର ବାସେ,
କୁରୁଳି ଉଠଇ ମନ ସରସେ ।୨।

କୁନା, ମୁନା, ବବ, ଆଲୋକ, ଇଲା
ଆଉ ଯେତେ ଥିଲେ ସାହିର ପିଲା
ହୋଇଲେ ମେଳା,
ରଜଦୋଳି ଉଡ଼ି ମେଘ ଛୁଇଁଲା ।୩।

ବାଣ୍ଟିବାରେ ମଜା ମସଲା-ପାନ
ପୋଡ଼ପିଠା ମିଠା କିବା ବଖାଣି
ଖେଳରେ ମନ,
ଖୁସି ଗପ-ଗୀତେ କଟିଲା ଦିନ ।୪।

ରଜଦୋଳି ଉଡ଼ିଯାଏ ରେ
ରଜଦୋଳି ଉଡ଼ିଯାଏ
ସପନ ରାଇଜ ଗୋପନ କାହାଣୀ
କାନେ କାନେ କହିଯାଏ ରେ
କାନେ କାନେ କହିଯାଏ ।

Digitized by PPRACHIN, SOA

ଖରାଦିନ ସରି ଆସିଲା



ଖରାଦିନ ସରି ଆସିଲା
ଭେଳା ଭେଳା ହୋଇ
କଳା ମେଘ କେତେ
ନୀଳ ଆକାଶରେ ଭାସିଲା ।୦।

ଛାଇ ଛାଇ ପାଗ
ଲାଗଇ ମଉଜ
ସେ ମଉଜେ ମିଶି
ଆସିଗଲା ରଜ
ସୁଶୀତଳ ବାଆ
ନାହିଁ ଖରା ତେଜ
ଧରାରେ ଆଷାଢ଼ ପଶିଲା ।୧।

ଘଡ଼ଘଡ଼ି ସାଥେ
ମାରଇ ବିଜୁଳି
ଟପ ଟପ ଟପ
ମେଘ ପଡ଼େ ଝରି
ତୋରାଣି ମୁନ୍ଦିଏ
ପିଇଦେଇ ସୁଖେ
ଚଷାଭାଇ ବିଲ ଚଷିଲା ।୨।

Digitized by PPRACHIN, SOA



ନଈ, ନାଳ, ପାଟେ ପାଣିର ଭଉଁରୀ
ଗଛ ଲତା ଉଭା ଫୁଲ-ଫଳ ଧରି
ଶାଗୁଆ ସପନ ବିଲ-ବଣେ ଭରି
କି ସୁନ୍ଦର ଧରା ଦିଶିଲା ।୩।

ଓଳି ପାଣି ଗଡ଼ି ପିଣ୍ଡା ତଳେ ସୁଅ
ଦେଖି ହରଷରେ କୁନି ପୁଅ ଝିଅ
କାଗଜର ଡଙ୍ଗା ଭସାଉ ଭସାଉ
ନାଚିଲା, କେ ପୁଣି ହସିଲା ।୪।

ମେଘ ପକାଇଲା ଟପର ଟପର
ଦାଣ୍ଡରେ ଛୁଟିଲା ସୁଅ
କାଗଜର ଡଙ୍ଗା ଭସାଇ ଦେଇଣ
ହସିଦେଲା କୁନିପୁଅ ।

Digitized by PPRACHIN, SOA

ଶିଖିବା ଆସ ସ୍ୱରବର୍ଣ୍ଣ



ଆସ ଲେଖିବା ଅ—ଆ—
ସିଲଟ-ଖଡ଼ି ଧରି ଆ—
ଘରକୁ ଘର ଉଡ଼ି ଉଡ଼ିକା
କାଉ କହିଲା କା—କା— (୧)

ଶିଖିବା ଧୀରେ ଇ—ଈ—
ଗୁଣ୍ଡୁଚି ମୂଷା ଚିଁ—ଚିଁ—
ଭିତ୍ତରେ ବାଟ କାଢ଼ିବା ପାଇଁ
ମଟର କହେ ପି—ପି— (୨)

ଲେଖିବା ଶିଖି ଉ—ଊ—
ପବନ ବହେ ସୁ—ସୁ—
ଆମ୍ବ ଗଛର ଡାଳରେ ବସି
କୋଇଲି କହେ କୁ—କୁ— (୩)



ଲେଖି ଯିବାରେ ଏ—ଐ—
ଖେଳ ସାଙ୍ଗକୁ ମନ ଦେଇ
ପଢ଼ିଲେ ପାଠ ମଣିଷ ପରି
ମଣିଷ ଦିନେ ହେବା ଯାଇ ।(୪)

ଲେଖିବା ପୁଣି ଓ—ଔ—
ଧରିଲେ ଖଡ଼ି ଚାହୁଁ ଚାହୁଁ
ସରିଲା ଏବେ ସ୍ୱର ବରନ (ବର୍ଣ୍ଣ)
ଦି' ପଦ ଗୀତ ଗାଉ ଗାଉ ।(୫)

> ଅକ୍ଷର ଶିଖିଲେ ପାରିବା ପଢ଼ି,
> ପଢ଼ିଲେ ଜାଣିବା ଜାଣିଲେ ଜିଣିବା
> ଜିଣିଲେ ଦେଶକୁ ପାରିବା ଗଢ଼ି ।

Digitized by PPRACHIN, SOA

କଲମଟିଏ ମୁଁ କଲମଟିଏ

କଲମଟିଏ ମୁଁ କଲମଟିଏ
କରାମତି ମୋର ନ ଜାଣେ କିଏ ?
କୋଟିପତି ଅବା ରଜା–ମହାରଜା
ସବୁରି କଲିଜା ଥରାଇ ଦିଏ ।

ରଙ୍ଗ ବେରଙ୍ଗର କାଳି ମୁଁ ପିଏ
କାଗଜ ଉପରେ ଛାପ ମୁଁ ଦିଏ
କେବେ କଥା କେବେ କବିତା ଗାଇଁ ମୁଁ
ସବୁ ମନେ ରସ ଝରାଇ ଦିଏ ।



ସବୁ ମୁନ ଯୋଖି ଚାଲୁ ମୁଁ ଥାଏ
ଜ୍ଞାନ–ଭଣ୍ଡାରକୁ ସାଇତି ଦିଏ
ମୋର ଲାଗି ସିନା କାଳ କାଳ ଧରି
ଏ ମଣିଷ ସବୁ ବାରତା ପାଏ ।

ଯେତେ ବାଗେ ଯିଏ ମୋତେ ଚଳାଏ
ସେତେ ବଡ଼ ସିଏ ଗଣା ତ ହୁଏ
ଯଶ–ଗଉରବ– କୀରତି–ବିଭବ
ମଣ୍ଡି ହୋଇ ଚିର ଅଭୁଲା ରହେ ।

ମୋତେ ଚଳାଇବା ବାଗଟି ଯିଏ
ଜାଣି ନାହିଁ, ଦୁଃଖ–ଯାତନା ସହେ
ହେଜିଲେ ଏ କଥା ମୋ' ପରେ ଶରଧା
ନ କରିବ ଭଲା କହ ତ କିଏ ?

ସବୁ ଶକତିରୁ କଲମ ଶକତି ବଡ଼,
କଲମ ଚଳାଇ ଟାଳିଦେଇ ହୁଏ ଗଡ଼ ।

Digitized by PPRACHIN, SOA